# ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା – ଏକ ପ୍ରସ୍ତାବ[୧]

**ଝ୍ୟାଁ ଡ୍ରେଜ[୨]**

**୧ ସେପ୍ଟେମ୍ବର ୨୦୨୦ (ମୂଳ ଇଂରାଜୀ ଲେଖା ୨୯ ଅଗଷ୍ଟ ୨୦୨୦)**

**ସାରବସ୍ତୁ:** ଏହି ଲେଖାଟି ସହରାଞ୍ଚଳରେ ସବ୍‌ସିଡ଼ିଯୁକ୍ତ ସାଧାରଣ ନିଯୁକ୍ତିର ଏକ ସରଳ ଯୋଜନା ପାଇଁ ପ୍ରସ୍ତାବ ଉପସ୍ଥାପନ କରୁଛି । ଯାହାକି ଏକାଧିକ ସରକାରୀ ଅନୁଷ୍ଠାନ ଦ୍ୱାରା ନିଜସ୍ୱ ଉଦ୍ୟମରେ ଉତ୍ପନ୍ନ ହୋଇପାରିବ ।

## ପ୍ରସଙ୍ଗ

୧. ସହରାଞ୍ଚଳରେ ଅନୌପଚାରିକ କ୍ଷେତ୍ରରେ ରୋଜଗାରର ସଙ୍କଟ ଦେଖା ଦେଇଛି, କାରଣ ସମୟକୁ ସମୟ ଲକ୍‌ଡ଼ାଉନ୍ ଯୋଗୁଁ ଲକ୍ଷ ଲକ୍ଷ ଶ୍ରମିକ ସେମାନଙ୍କର କାମଧନ୍ଦା ହରାଇଛନ୍ତି ଏବଂ ଶୀଘ୍ର ସେମାନେ ତାଙ୍କର କାମଧନ୍ଦା ଫେରି ପାଇବେକି ନାହିଁ ତାହା କହି ହେବନାହିଁ।

୨. ଆମର ସରକାରୀ ଅନୁଷ୍ଠାନ ଏବଂ ସର୍ବସାଧାରଣ ସ୍ଥାନ (ଯଥା - ବିଦ୍ୟାଳୟ, କଲେଜ, ସ୍ୱାସ୍ଥ୍ୟ କେନ୍ଦ୍ର, ବସ୍ ଷ୍ଟାଣ୍ଡ, ଜେଲ୍, ଆଶ୍ରୟସ୍ଥଳ, ହଷ୍ଟେଲ, ପାର୍କ, ସଂଗ୍ରହାଳୟ, ସରକାରୀ କାର୍ଯ୍ୟାଳୟ ଇତ୍ୟାଦି) ଗୁଡ଼ିକର ଖରାପ ରକ୍ଷଣାବେକ୍ଷଣର ଏକ ଦୀର୍ଘକାଳୀନ ସମସ୍ୟା ରହିଛି।

୩. ମାସ ମାସ ଧରି ଲକ୍‌ଡ଼ାଉନ୍ ପରେ ସରକାରୀ ଅନୁଷ୍ଠାନଗୁଡ଼ିକ ଖୋଲାଯାଉଥିବାରୁ ଅନୁଷ୍ଠାନ ପରିସରଗୁଡ଼ିକୁ ପୁନସ୍ଥାପିତ କରିବା ପାଇଁ ଅନେକ ପ୍ରକାର କାର୍ଯ୍ୟର ଆବଶ୍ୟକତା ରହିଛି (ଯେପରିକି ସଫା କରିବା, ପରିମଳ ସୁଧାରିବା, କାନ୍ଥରେ ଚୂନ ମାରିବା, ଘାସ ବାଛିବା, ମରାମତି, ରଙ୍ଗ ଦେବା, ପାଣି ପାଇପ୍ କାମ କରିବା ଇତ୍ୟାଦି)।

୪. ବର୍ତ୍ତମାନ ସହରାଞ୍ଚଳରେ ନିଶ୍ଚିତ ନିଯୁକ୍ତି ଆଇନ ପ୍ରତି ଆଗ୍ରହ ବଢ଼ୁଛି, କିନ୍ତୁ ସହରାଞ୍ଚଳରେ ରିଲିଫ୍ କାର୍ଯ୍ୟର ଅଭିଜ୍ଞତା କମ୍ ରହିଛି। ସହରାଞ୍ଚଳରେ ନିଶ୍ଚିତ ରୋଜଗାର ଦିଗରେ ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା ଏକ ପଦକ୍ଷେପ ଭାବରେ କାର୍ଯ୍ୟ କରିପାରେ।

## ମୌଳିକ ଧାରଣା

୫. ରାଜ୍ୟ ସରକାର "ଜବ୍ ଷ୍ଟାମ୍ପ" ପ୍ରଦାନ କରିବେ ଏବଂ ଏହାକୁ ଅନୁମୋଦିତ ଅନୁଷ୍ଠାନ - ବିଦ୍ୟାଳୟ, କଲେଜ, ସରକାରୀ ବିଭାଗ, ସ୍ୱାସ୍ଥ୍ୟ କେନ୍ଦ୍ର, ପୌରସଂସ୍ଥା, ସଂଗଠନ, ସହରାଞ୍ଚଳ ସ୍ଥାନୀୟ ନିକାୟଗୁଡ଼ିକୁ ବଂଟନ କରିବେ। ପ୍ରଥମେ ଅନୁମୋଦିତ ଅନୁଷ୍ଠାନଗୁଡ଼ିକ ସରକାରୀ ଅନୁଷ୍ଠାନ ହେବ, (ପରେ ଘରୋଇ ଅନୁଷ୍ଠାନ, ଅଣ-ଲାଭ ସଂସ୍ଥାଗୁଡ଼ିକୁ ବିଚାରକୁ ନିଆଯାଇପାରେ)।

---

[୧] ଏହି ଓଡ଼ିଆ ଲେଖାଟି ଶ୍ରୀ ନାରାୟଣ ଜେନା ଙ୍କ ଦ୍ୱାରା ଅନୁବାଦିତ ଓ ଶ୍ରୀ ରାଜକିଶୋର ମିଶ୍ର ଏହାର ସଂଶୋଧନ କରିଛନ୍ତି। ଏହି ଲେଖାରେ ଦିଆଯାଇଥିବା ମତାମତ ସମ୍ପୁର୍ଣ୍ଣ ଲେଖକଙ୍କର, ଏହା ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ବା ଏହା ସହିତ ସଂସ୍ଲିଷ୍ଟ ବା କାମକରୁଥିବା ସଂସ୍ଥା ବା ସଂଗଠନର ମତାମତକୁ ଦର୍ଶାଏନାହିଁ।

[୨] ଝ୍ୟାଁ ଡ୍ରେଜ ରାଞ୍ଚି ବିଶ୍ୱବିଦ୍ୟାଳୟ ରେ ଭିଜିଟିଙ୍ଗ୍ ପ୍ରଫେସର ଓ ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକସ୍‌ରେ ଅନରାରି ପ୍ରଫସର ଭାବେ କାର୍ଯ୍ୟରତ।

୬. ଅନୁମୋଦିତ ଅନୁଷ୍ଠାନଗୁଡ଼ିକ ରୋଜଗାରର ବ୍ୟବସ୍ଥା କରିବେ ଓ ସରକାର ମଜୁରୀ (ସର୍ବନିମ୍ନ ମଜୁରୀ) ପ୍ରଦାନ କରିବା ସହିତ, ପ୍ରତ୍ୟେକ ଜବ୍ ଷ୍ଟାମ୍ପ୍‌କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୋଟିଏ କାର୍ଯ୍ୟଦିବସରେ ପରିଣତ କରାଯାଇ ପାରିବ। ଅନୁମୋଦିତ ଅନୁଷ୍ଠାନଗୁଡ଼ିକ ଏପରି କାର୍ଯ୍ୟର ବ୍ୟବସ୍ଥା କରିବେ। ଜବ୍ ଷ୍ଟାମ୍ପ୍ ଓ ନିଯୁକ୍ତିଦାତାଙ୍କ ଠାରୁ କାର୍ଯ୍ୟ ପ୍ରମାଣପତ୍ର ପାଇବା ପରେ, ସରକାର ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ୍ ଜମା ଖାତାକୁ ମଜୁରୀ ହସ୍ତାନ୍ତର କରିବେ।

୭. ଅନୁମୋଦିତ ନିଯୁକ୍ତି ଦାତାଙ୍କ ଦ୍ୱାରା ପଞ୍ଜୀକୃତ ଶ୍ରମିକସମୂହ ମଧ୍ୟରୁ କାମ କରିବା ପାଇଁ ଶ୍ରମିକମାନଙ୍କୁ ଚୟନ କରାଯିବା ଉଚିତ, କିମ୍ବା ଚୟନରେ ଅନିମିୟତା ବନ୍ଦ କରିବା ପାଇଁ ସ୍ୱତନ୍ତ୍ର 'ପ୍ଲେସ୍‌ମେଂଟ ଏଜେନ୍ସୀ' ମାଧ୍ୟମରେ ଶ୍ରମିକ ଚୟନ କରାଯିବ - ନିମ୍ନରେ ଦିଆଯାଇଛି।

**ଯୁକ୍ତିଯୁକ୍ତ**

୮. ଅନୁମୋଦିତ ନିଯୁକ୍ତି ଦାତାଙ୍କୁ ଅଧିକ ମାତ୍ରାରେ ସକ୍ରିୟ ରଖିପାରିଲେ, ବହୁ ନିଯୁକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିବ।

୯. କାର୍ଯ୍ୟ ଫଳପ୍ରଦ ଓ ପ୍ରଭାବି ହେବା ନିଶ୍ଚିତ କରିବାକୁ ନିଯୁକ୍ତିଦାତାଙ୍କର ଅଂଶଗ୍ରହଣ ରହିବ।

୧୦. ସରକାରୀ ଅନୁଷ୍ଠାନଗୁଡ଼ିକ ନିଯୁକ୍ତିଦାତା ହୋଇଥିବାରୁ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଅଳ୍ପ କର୍ମଚାରୀ ଆବଶ୍ୟକ ହେବ।

୧୧. ଠିକ୍ ସମୟରେ ସର୍ବନିମ୍ନ ମଜୁରୀ ହାରରେ ଦେୟ ପ୍ରଦାନ କରାଯାଇପାରିବ ଏବଂ ଶ୍ରମିକମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇ ପାରିବ।

**ପରବର୍ତ୍ତୀ ସମ୍ଭାବନା**

୧୨. ଅପବ୍ୟବହାରକୁ ଏଡ଼େଇବା ପାଇଁ, ଜବ୍ ଷ୍ଟାମ୍ପଗୁଡ଼ିକର ବ୍ୟବହାର ଅନୁମୋଦିତ କାର୍ଯ୍ୟ ତାଲିକାରେ ସୀମିତ ହୋଇପାରେ। କିନ୍ତୁ ତାଲିକାଟି ଯଥେଷ୍ଟ ବିସ୍ତୃତ ହେବା ଉଚିତ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟରେ ସୀମିତ ହେବା କଥା ନୁହେଁ।

୧୩. ସରକାରୀ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟ ତାଲିକା ଏତେ ବ୍ୟାପକ ହେବା ଉଚିତ ନୁହେଁ, ଯାହାଦ୍ୱାରା ବର୍ତ୍ତମାନ ହେବାକୁ ଥିବା କାମଗୁଡ଼ିକ ବାଦ୍‌ପଡ଼ିଯିବ।

୧୪. ସମସ୍ତ ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନାରେ ରୋଜଗାର, ଶ୍ରମିକ ସୁରକ୍ଷା ଓ କଲ୍ୟାଣ ଏବଂ ଶ୍ରମ ନିୟମ ଅନୁଯାୟୀ ହେବା ଉଚିତ।

୧୫. ୧୮ବର୍ଷ ବୟସରୁ ଅଧିକ ସମସ୍ତ ସହରାଞ୍ଚଳ ବାସିନ୍ଦା ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା ଅଧିନରେ ପଞ୍ଜୀକୃତ ହେବାକୁ ଯୋଗ୍ୟ ହେବା ଉଚିତ, କିନ୍ତୁ ସ୍ୱତନ୍ତ୍ର ପଞ୍ଜୀକରଣ ଡ୍ରାଇଭ୍ କିମ୍ବା ପ୍ଲେସ୍‌ମେଂଟ ଏଜେନ୍ସୀ ସ୍ୱଳ୍ପ ଆୟକାରୀ ଅଂଚଳରେ ବା ଅଧିକ ଗରିବ ବସବାସ କରୁଥିବା ଅଂଚଳ ପ୍ରତି ଅଧିକ ଧ୍ୟାନ ଦେବା ଦରକାର।

୧୬. ଏହି ଯୋଜନା ଉଭୟ କୁଶଳୀ ଓ ଅଣ-କୁଶଳୀ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରିବ। ଯଦି ଜଣେ କୁଶଳୀ ଶ୍ରମିକ ନିୟୋଜିତ ହେବେ, ଏହି ଯୋଜନାରେ ତାଲିମ୍ ଓ ଦକ୍ଷତା ବିକାଶର ଏକ ଉପାଦାନ ଭାବେ ତାଙ୍କ ପାଖରେ ଜଣେ ସହକାରୀ ଅଣକୁଶଳୀ ଶ୍ରମିକ ନିୟୋଜିତ କରାଯାଇପାରେ। ପରବର୍ତ୍ତୀ ତାଲିମ୍ ସୁବିଧାଗୁଡ଼ିକ ସମୟ ସହିତ ବିକଶିତ କିମ୍ବା ଅନୁସନ୍ଧାନ କରାଯାଇପାରେ। ଉଦାହରଣ ସ୍ୱରୂପ ଅଣ-ଲାଭ ପ୍ଲେସ୍‌ମେଂଟ ସଂସ୍ଥାଗୁଡ଼ିକୁ ନିୟୋଜିତ କରାଯାଇପାରେ।

୧୭. ମୂଲ୍ୟ ସେୟାରିଂ (କଷ୍ଟ ସେୟାରିଂ) ବ୍ୟବସ୍ଥା ଆରମ୍ଭ କରାଯାଇପାରିବ, ଅନୁମୋଦିତ ଅନୁଷ୍ଠାନ ଜବ୍ ଷ୍ଟାମ୍ପ୍ ମାଗଣାରେ ପାଇବା ପରିବର୍ତ୍ତେ ମଜୁରୀର ଏକ ଅଳ୍ପ ଅଂଶ ପ୍ରଦାନ କରିବେ। ଏହା କାର୍ଯ୍ୟ ଫଳପ୍ରଦ ହେବାକୁ ସାହାଯ୍ୟ କରିବ। ଏହାଦ୍ୱାରା ରୋଜଗାର ସୃଷ୍ଟି ହ୍ରାସ ସମ୍ଭାବନା ରହିବ। ମୂଲ୍ୟ ସେୟାରିଂ ଏକ ଜଟିଳ ପ୍ରସଙ୍ଗ, ତେଣୁ ପ୍ରାରମ୍ଭରେ ଏହାକୁ ଏଡ଼େଇଯିବା ଉଚିତ।

୧୮. ସରକାରୀ ଅନୁଷ୍ଠାନ ମଧ୍ୟରେ ଜବ୍ ଷ୍ଟାମ୍ପ୍ ଆବଣ୍ଟନ ପାଇଁ ସରଳ ମାନଦଣ୍ଡ ଆବଶ୍ୟକ। ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ଜବ୍ ଷ୍ଟାମ୍ପ୍‌ଗୁଡ଼ିକର କିଛି ସୀମିତ ସ୍ଥାନାନ୍ତରଣକୁ ବିଚାର କରାଯାଇପାରେ।

୧୯. କାର୍ଯ୍ୟଗୁଡ଼ିକର ତଦାରଖ, ଯାଂଚ, ଅଡ଼ିଟ୍ ଏବଂ ମୂଲ୍ୟାଙ୍କନ କରିବା ପାଇଁ ମ୍ୟୁନିସିପାଲିଟି ସ୍ତରରେ ଏକ ସ୍ୱାଧୀନ ପ୍ରାଧିକରଣ ନିଯୁକ୍ତ କରାଯାଇପାରେ।

୨୦. ଜାତୀୟ ସହରୀ ଜୀବିକା ମିଶନ ସମ୍ଭବତଃ ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା ରେ ମଧ୍ୟ ଏକ ଭୂମିକା ଗ୍ରହଣ କରିପାରେ।

୨୧. ଏକ ନିର୍ଦ୍ଦିଷ୍ଟ ଜିଲ୍ଲା କିମ୍ବା ଏକ ମ୍ୟୁନିସିପାଲିଟି ଅଂଚଳରେ ପରୀକ୍ଷାମୂଳକ ଭାବେ ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା ସହଜରେ ଆରମ୍ଭ କରାଯାଇପାରେ।

**ପ୍ଲେସ୍‌ମେଂଟ ଏଜେନ୍ସୀ**

୨୨. ପ୍ଲେସ୍‌ମେଂଟ ଏଜେନ୍ସୀର ପ୍ରାଥମିକ ଭୂମିକା ହେଉଛି ଯେତେବେଳେ ଆବଶ୍ୟକ, ଅନୁମୋଦିତ ନିଯୁକ୍ତିଦାତାଙ୍କୁ ପଞ୍ଜୀକୃତ ଶ୍ରମିକଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରିବା। ଏହା ବ୍ୟତୀତ ଅନ୍ୟ କାର୍ଯ୍ୟ ମଧ୍ୟ ସମ୍ପାଦିନ କରିପାରିବ ଯଥା-ଶ୍ରମିକମାନଙ୍କ ଦକ୍ଷତାକୁ ପ୍ରମାଣିତ କରିବା, ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କ ପାଇଁ ସାମାଜିକ ଲାଭର ବ୍ୟବସ୍ଥା କରିବା।

୨୩. ପ୍ଲେସ୍‌ମେଂଟ ଏଜେନ୍ସୀ ପାଇଁ ବିଭିନ୍ନ ବିକଳ୍ପକୁ ବିଚାର କରାଯାଇପାରେ, ଯେପରିକି (୧) ସ୍ଥାନୀୟ ସ୍ୱାୟତ ସଂସ୍ଥା ଦ୍ୱାରା ପରିଚାଳିତ ପ୍ରତ୍ୟେକ ମ୍ୟୁନିସିପାଲିଟି ପାଇଁ ଏକ ଏଜେନ୍ସୀ, (୨) ଶ୍ରମିକ ସମବାୟ, (୩) ଏକାଧିକ ପ୍ଲେସ୍‌ମେଂଟ ଏଜେନ୍ସୀ , ଅଣ-ଲାଭକାରୀ ସଂସ୍ଥା କିମ୍ବା ସମବାୟ।

**ପ୍ରାଥମିକତା**

୨୪. କେତେକ ଦେଶରେ ସମାନ ଧରଣର ରୋଜଗାର ସବ୍‌ସିଡ଼ି ଯୋଜନା ଅଛି, ଉଦାହରଣ ସ୍ୱରୂପ ଅନେକ ୟୁରୋପୀୟ ଦେଶରେ "ସର୍ଭିସ୍ ଭାଉଚର ସ୍କିମ୍" ଅଛି। ବେଲଜିୟମ୍‌ରେ ଏକ ଲୋକପ୍ରିୟ "ସର୍ଭିସ୍ ଭାଉଚର ସ୍କିମ୍" ଅଛି, ଯାହାକି ଘରୋଇ ସେବା ଯଥା ସଫା କରିବା ଏବଂ ଆଇରନ୍ କରିବା ଭଳି କାର୍ଯ୍ୟ ପ୍ରଦାନ କରେ। ୨୦୧୬ ମସିହାରେ ଏହି ସେବା ଦେଶର ୫ଟି ପରିବାର ମଧ୍ୟରୁ ଗୋଟିଏ ପରିବାର ଉପଯୋଗ କରିଥିଲେ।

**ନିଶ୍ଚିତ ରୋଜଗାର ଆଡ଼କୁ**

୨୫. ସହରାଞ୍ଚଳରେ ନିଶ୍ଚିତ ରୋଜଗାର ଦାବି ପୂରଣ କରିବା ପାଇଁ ଏହି ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା କାର୍ଯ୍ୟକ୍ରମ ସହାୟକ ହେବ। ରୋଜଗାର ନମିଳିବା ସମୟରେ ଶେଷରେ ମ୍ୟୁନିସିପାଲିଟି ଏକ ନିଯୁକ୍ତିଦାତା (Last-resort employer) ଭାବେ କାର୍ଯ୍ୟ କରିବ। କାରଣ ଯେଉଁମାନେ କାମ ଦାବି କରୁଛନ୍ତି କିନ୍ତୁ ଅନୁମୋଦିତ ନିଯୁକ୍ତିଦାତା ସେମାନଙ୍କୁ କାମ ନଦେବା ସ୍ଥଳେ, ମ୍ୟୁନିସିପାଲିଟି କାମ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ହେବ। ସହରାଞ୍ଚଳରେ ସହରି ନିଯୁକ୍ତି ଏବଂ ତାଲିମ୍ ଯୋଜନା ଏକ ବିସ୍ତୃତ ନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମର ଏକ ଅଂଶ ଓ ପ୍ରାରମ୍ଭ ହୋଇପାରିବ।

This is the twelfth NCDS policy brief in the COVID-19 series and the second on re-purposing economy. It has an English version (PB23NCDS, 29 August 2020) and a Hindi version (**हिंदी संस्करण**, PB23aNCDS, 31 August 2020). The other eleven have been on analysis of cases across countries and Hindi version provinces of China (PB12NCDS, 20 March 2020), on behavioural biases that could lead to panic like asking health care professionals to leave rented premises (PB13NCDS, 25 March 2020), on strengthening COVID hospitals and concerns of community transmission in Odisha (PB14NCDS, 28 March 2020), କୋଭିଡ-୧୯ ମହାମାରୀ ସମୟରେ ପୁଷ୍ଟିକର ଖାଦ୍ୟର ଉପଯୋଗିତା (PB15NCDS, 7 April 2020), which is an Odia translation of "Maintaining a healthy diet during COVID-19 pandemic" prepared by the Food and Agriculture Organization of the United Nations, a cross-country analysis of positive cases and testing (PB16NCDS, 11 April 2020), frequently asked questions on rapid antibody test (PB17NCDS, 20 April 2020; ଯାହାର ଓଡ଼ିଆ ସଂସ୍କରଣ, PB17aNCDS, 23 April 2020), on movement of migrant labourers (PB18NCDS, 27 April 2020; ଯାହାର ଓଡ଼ିଆ ସଂସ୍କରଣ, PB18aNCDS, 3 May 2020), on implications for malaria (PB19NCDS, 15 May 2020; ଯାହାର ଓଡ଼ିଆ ସଂସ୍କରଣ, PB19aNCDS, 28 May 2020), on କୋଭିଡ-୧୯ର ମୁକାବିଲା: ଖୋରାକ, ପୁଷ୍ଟିସାର ଓ ସୁକ୍ଷ୍ମପୁଷ୍ଟିସାର (ମାଇକ୍ରୋନ୍ୟୁଟ୍ରିଏଣ୍ଟ)ର ୧୦ ଦଫା ସମ୍ବଳିତ ସଂକ୍ଷିପ୍ତ ବିବରଣୀ (PB20NCDS, 25 May2020) which is translation of a 10-pointer on diet and nutrition from NNEdPro, Cambridge), on dos and don'ts for media (PB21NCDS, 16 June 2020; ଯାହାର ଓଡ଼ିଆ ସଂସ୍କରଣ, PB21aNCDS, 26 June 2020) and on life and livelihood as key to a post-pandemic economy (PB22NCDS, 16 June 2020).

-0-X-0-




Nabakrushna Choudhury Centre for Development Studies (NCDS)
(an Indian Council of Social Science Research (ICSSR) institute
in collaboration with Government of Odisha)
Bhubaneswar-751013, Odisha, India

Phone: +91-674-2301094
Email: ncds_bbsr@dataone.in
Web: ncds.nic.in
Facebook: @ncdsbhubaneswar
Twitter: @ncds_bbsr
YouTube: NCDS Bhubaneswar
Google Maps: NCDS Bhubaneswar